## କେନ୍ଦ୍ର ସାହିତ୍ୟ ଏକାଡେମୀ ବାଳ ଓ ଯୁବ ପୁରସ୍କାର ଘୋଷଣା

# ଓଡ଼ିଆରେ ନରେନ୍ଦ୍ର, ଦିଲ୍ଲୀପ

ଭୁବନେଶ୍ୱର,୨୪।୮(ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୨ ମସିହା ପାଇଁ ଏକାଡେମୀ ବାଳ ଓ ଯୁବ ସାହିତ୍ୟ ପୁରସ୍କାର ଘୋଷଣା ହୋଇଛି। ଖୁସିର କଥା ଦୁଇଟି ବର୍ଗରେ ଓଡ଼ିଆ ଭାଷାରେ ଦୁଇ ଜଣ ପ୍ରତିଭା ଡ. ନରେନ୍ଦ୍ର ପ୍ରସାଦ ଦାସ ଓ ଦିଲ୍ଲୀପ ବେହେରାଙ୍କ ପୁସ୍ତକ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛି। ଏନେଇ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

କ୍ଷୁଦ୍ର ଗଳ୍ପ ପୁସ୍ତକ 'କୋଳାହଳ ନା ହଳାହଳ' ରଚନା ନିମନ୍ତେ ବାଳ ସାହିତ୍ୟ ପୁରସ୍କାର ପାଇବେ ବରିଷ୍ଠ ଶିଶୁ ସାହିତ୍ୟିକ ତଥା ବିଜେବି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ନରେନ୍ଦ୍ର ପ୍ରସାଦ ଦାସ। ଏହି ପୁରସ୍କାର ବାବଦକୁ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢ୍ୌକନ, ତାମ୍ରଫଳକ ସହ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବ। ଆସନ୍ତା ନଭେମ୍ବର ୧୪ ତାରିଖରେ ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଡ. ଦାସଙ୍କୁ ଏକାଡେମୀ ପକ୍ଷରୁ ଏହି ପୁରସ୍କାର ଦିଆଯିବ। ଏହି ପୁରସ୍କାର ପାଇଁ ୭ଟି ପୁସ୍ତକ ଆବେଦନ ହୋଇଥିଲା। ଶେଷରେ ଡ. ଦାସଙ୍କ ପୁସ୍ତକ ପୁରସ୍କାର ପାଇଁ ମନୋନୀତ ହୋଇଥିଲା।

ସେହିପରି କ୍ଷୁଦ୍ର ଗଳ୍ପ ପୁସ୍ତକ 'ଲଣ୍ଠନ' ରଚନା ପାଇଁ ଯୁବ ସାହିତ୍ୟ ପୁରସ୍କାର ପାଇବେ ଦିଲ୍ଲୀପ ବେହେରା। ଏହି ପୁରସ୍କାର ବାବଦକୁ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢ୍ୌକନ, ତାମ୍ରଫଳକ ସହ ୫୦ ହଜାର ଟଙ୍କାର ଚେକ୍ ଦିଆଯିବ। ଏକାଡେମୀ ପକ୍ଷରୁ ଆୟୋଜିତ



ଡ. ନରେନ୍ଦ୍ର ପ୍ରସାଦ ଦାସ



ଦିଲ୍ଲୀପ ବେହେରା

ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯିବ।

ଉଭୟ ବାଳ ଓ ଯୁବ ସାହିତ୍ୟ ପୁରସ୍କାର ଲାଗି ବୁଧବାର ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ପରିଷଦ ବୈଠକ ବସିଥିଲା। ଏଥିରେ ବାଳ ସାହିତ୍ୟ ପୁରସ୍କାର ଲାଗି ୨୨ ଜଣ ଏବଂ ଯୁବ ସାହିତ୍ୟ ପୁରସ୍କାର ଲାଗି ୨୩ ଜଣ ଲେଖକଙ୍କୁ ମନୋନୟନ କରାଯାଇଥିଲା। ଯାହା ପରିଷଦ ବୈଠକରେ ଅନୁମୋଦନ ଲାଭ କରିଥିଲା। ପ୍ରତି ଭାଷାରେ ୩ ଜଣିଆ ବିଚାରକଙ୍କ ଦ୍ୱାରା ପୁସ୍ତକ ମନୋନୟନ ପରେ ପୁରସ୍କାର ଘୋଷଣା ହୋଇଥିଲା। ଏକାଡେମୀ ପୁରସ୍କାର ନିୟମ ଅନୁଯାୟୀ କାର୍ଯ୍ୟକାରୀ ପରିଷଦ ପୁରସ୍କାର ଘୋଷଣା କରିଥିଲା। ବିଚାରକଙ୍କ ଦ୍ୱାରା ପୁରସ୍କାରଗୁଡ଼ିକ ସର୍ବସମ୍ମତି କ୍ରମେ ଅଥବା ସର୍ବାଧିକ ଭୋଟ୍ ମାଧ୍ୟମରେ ମନୋନୟନ କରାଯାଇଥିଲା। ବାଳ ସାହିତ୍ୟ ପୁରସ୍କାର ପାଇଁ ୨୦୧୬ ଜାନୁଆରୀ ୧ରୁ ୨୦୨୦ ଡିସେମ୍ବର ୩୧ ତାରିଖ ମଧ୍ୟରେ ପ୍ରକାଶିତ ପୁସ୍ତକକୁ ନିଆଯାଇଥିଲା। ଏହି ପୁରସ୍କାରରେ ପଞ୍ଜାବୀ ଭାଷାରେ କୌଣସି ପୁରସ୍କାର ଦିଆଯାଇନଥିଲାବେଳେ ସାନ୍ତାଳୀ ଭାଷାରେ ପରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ଓଡ଼ିଆ ଭାଷା ପାଇଁ ବିଚାରକ ଭାବେ ପ୍ର. ଆଦିକନ୍ଦ ସାହୁ, ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଓ ଗାୟତ୍ରୀ ସରାଫ ରହିଥିଲେ।

ଯୁବ ସାହିତ୍ୟ ପୁରସ୍କାରରେ ମରାଠୀ ଭାଷା ପାଇଁ ପରେ ପୁରସ୍କାର ଘୋଷଣା କରାଯିବ। ଓଡ଼ିଆ ଭାଷା ପାଇଁ ବିଚାରକ ଭାବେ ଭଗବାନ ଜୟସିଂହ, ଡ. ଗାୟତ୍ରୀବାଳା ପଣ୍ଡା ଓ ଦେବବ୍ରତ ମଦନରାୟ ରହିଥିଲେ।

କାର୍ଯ୍ୟକାରୀ ପରିଷଦ ବୈଠକରେ ଏକାଡେମୀ ଉପସଭାପତି ମାଧବ କୌଶିକ, ସଚିବ କେ. ଶ୍ରୀନିବାସ ରାଓ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହଙ୍କ ସମେତ ୨୪ଟି ଭାଷାର ଉପଦେଷ୍ଟା ମଣ୍ଡଳୀର ଆବାହକମାନେ ଉପସ୍ଥିତ ଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ସିଂହଙ୍କ ଏହି ଅବସରରେ ପୁରସ୍କାର ପାଇବାକୁ ମନୋନୀତ ଦୁଇ ଓଡ଼ିଆ ଡ. ନରେନ୍ଦ୍ର ପ୍ରସାଦ ଦାସ ଓ ଦିଲ୍ଲୀପ ବେହେରାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।